# NATIONAL NEWS BULLETIN (ODIA)

**2 December- 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

---

- ସଂସଦର ଶୀତକାଳୀନ ଅଧିବେଶନର ଦ୍ୱିତୀୟ ଦିନରେ ଏସ୍ଆଇଆର୍ ଓ ଅନ୍ୟାନ୍ୟ ପ୍ରସଙ୍ଗରେ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁଁ ଅପରାହ୍ଣ ୨ଟା ଯାଏଁ ଉଭୟ ଗୃହ ମୁଲତବୀ ।

- ଉତ୍ତରପ୍ରଦେଶର ବାରାଣସୀରେ କାଶୀ-ତାମିଲ ସଂଗମମ୍‌ର ଆଜି ଆରମ୍ଭ ହେବ ଚତୁର୍ଥ ସଂସ୍କରଣ ।

- ଅର୍ଥ ବ୍ୟବସ୍ଥାରେ ବୃଦ୍ଧିପାଉଥିବା ଡିଜିଟାଇଜେସନ ଓ ନୂତନ ଆର୍ଥିକ ଉତ୍ପାଦର ନିରପେକ୍ଷତା ଓ ସ୍ୱଚ୍ଛତା ସୁନିଶ୍ଚିତ କରିବା ଉପରେ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ଗୁରୁତ୍ୱ ।

- ବରିଷ୍ଠ ବିଜେପି ନେତା ଡକ୍ଟର ପ୍ରେମ୍ କୁମାର ବିହାର ବିଧାନସଭାର ବାଚସ୍ପତି ନିର୍ବାଚିତ ।

ଏବଂ

- ମୋବାଇଲ ହ୍ୟାଣ୍ଡସେଟ୍‌ରେ ସଞ୍ଚାରସାଥୀ ଆପ୍‌କୁ ହଟାଇବା ନିଷ୍ପତ୍ତି ବ୍ୟବହାରକାରୀଙ୍କ ଉପରେ ନିର୍ଭର କରେ - କହିଲେ କେନ୍ଦ୍ର ସଞ୍ଚାର ମନ୍ତ୍ରୀ ।

---

# ଏଲ୍‌ଏସ୍‌ଆର୍‌ଏସ୍-ଆଡଜର୍ଣ୍ଣଡ

ସଂସଦର ଶୀତକାଳୀନ ଅଧିବେଶନ ଆଜି ଦ୍ୱିତୀୟ ଦିନରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ - ଏସ୍‌ଆଇଆର୍ ସମେତ ବିଭିନ୍ନ ପ୍ରସଙ୍ଗରେ ବିରୋଧୀ ହଟ୍ଟଗୋଳ କରିବାରୁ ଉଭୟ ଗୃହକୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି ।

ପୂର୍ବାହ୍ନ ୧୧ଟାରେ ଲୋକସଭା ଅଧିବେଶନ ଆରମ୍ଭ ହେବା ମାତ୍ରେ ବାଚସ୍ପତି ଓମ୍ ବିର୍ଲା ଜର୍ଜିଆର ପାର୍ଲ୍ୟାମେଣ୍ଟ ସଭାପତି ସାଲ୍‌ଭା ପାପୁଆ ସଭିଲିଙ୍କ ଙ୍କ ନେତୃତ୍ୱରେ ଆସିଥିବା ସଂସଦୀୟ ପ୍ରତିନିଧି ଦଳକୁ ସ୍ୱାଗତ କରିଥିଲେ । ଏହି ଅବସରରେ ବାଚସ୍ପତି ଶ୍ରୀ ବିର୍ଲା କହିଛନ୍ତି ଏହି ସଂସଦୀୟ ପ୍ରତିନିଧି ମଣ୍ଡଳର ଭାରତ ଗସ୍ତ ଦୁଇଦେଶ ମଧ୍ୟରେ ଥିବା ସୁସମ୍ପର୍କର ପ୍ରତୀକ ବହନ କରୁଛି । ଏହି ଗସ୍ତ ଦ୍ୱାରା ଦୁଇଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ଏବଂ ସହଯୋଗ ଅଧିକ ସୁଦୃଢ଼ ହେବ ।

ଲୋକସଭାରେ ପ୍ରଶ୍ନକାଳ ଆରମ୍ଭ ହେବା ମାତ୍ରେ ବିରୋଧୀ ସଦସ୍ୟମାନେ ଏସ୍‌ଆଇଆର୍ ସମେତ ବିଭିନ୍ନ ପ୍ରସଙ୍ଗକୁ ନେଇ ହୋ-ହଲ୍ଲା କରିଥିଲେ । ହଟ୍ଟଗୋଳ ମଧ୍ୟରେ ମନ୍ତ୍ରୀମାନେ ସଦସ୍ୟମାନଙ୍କ ଦ୍ୱାରା ଉତ୍‌ଥାପିତ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଥିଲେ । କଂଗ୍ରେସ, ଟିଏମ୍‌ସି, ଡିଏମ୍‌କେ, ସମାଜବାଦୀ ପାର୍ଟି ଏବଂ ଅନ୍ୟ ବିରୋଧୀଦଳର ସଦସ୍ୟମାନେ ଗୃହମଧ୍ୟକୁ ଆସି ଏସ୍‌ଆଇଆର୍ ଏବଂ ଅନ୍ୟାନ୍ୟ ପ୍ରସଙ୍ଗରେ ଆଲୋଚନା ଦାବି କରି ସ୍ଲୋଗାନ ମାନ ଦେଇଥିଲେ । ବାଚସ୍ପତି ସୁରୁଖୁରୁରେ ଗୃହ ଚଳାଇବା ପାଇଁ ନିଜନିଜ ଆସନରେ ବସିବାପାଇଁ ସଦସ୍ୟମାନଙ୍କୁ

କହିଥିଲେ । ବାଚସ୍ପତି କହିଥିଲେ ପ୍ରଶ୍ନକାଳ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଏଥିରେ ସମସ୍ତ ସଦସ୍ୟ ଅଂଶଗ୍ରହଣ କରିବା ଉଚିତ୍ । ସଦନ ମଧ୍ୟରେ ଏବଂ ବାହାରେ କେତେକ ସଦସ୍ୟଙ୍କ ଆଚରଣ ଶୋଭନୀୟ ନୁହେଁ । ବାଚସ୍ପତି ବାରମ୍ବାର ଅନୁରୋଧ କରିବା ସତ୍ତ୍ୱେ ବିରୋଧୀ ସଦସ୍ୟମାନେ ବିକ୍ଷୋଭ ଜାରି ରଖିବାରୁ ବାଚସ୍ପତି ମଧ୍ୟାହ୍ନ ୧୨ଟା ଯାଏଁ ଗୃହକୁ ମୁଲତବୀ ରଖିଥିଲେ । ପରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ବିରୋଧୀମାନେ ସମାନ ପ୍ରସଙ୍ଗକୁ ହଟ୍ଟଗୋଳ ଜାରି ରଖିବାରୁ ବାଚସ୍ପତି ଓମ୍ ବିର୍ଲା ଲୋକସଭାକୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ ।

ଭୋଟର ତାଲିକାରେ ସ୍ୱତନ୍ତ୍ର ସଘନ ସଂଶୋଧନ-ଏସ୍ଆଇଆର୍ ପ୍ରସଙ୍ଗରେ ବିରୋଧୀ ମାନେ ହଟ୍ଟଗୋଳ ସୃଷ୍ଟି କରୁଥିବାରୁ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ସେମାନଙ୍କୁ ସମାଲୋଚନା କରିଛନ୍ତି । ସଂସଦ ବାହାରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇ ସେ କହିଛନ୍ତି ବିରୋଧୀମାନେ ଅନ୍ୟକୌଣସି ପ୍ରସଙ୍ଗ ପାଉନଥିବାରୁ ଗୃହକୁ ସୁରୁଖୁରୁରେ ଚଳାଇ ଦେଉନାହାନ୍ତି । ବିରୋଧୀଙ୍କ ଦ୍ୱାରା ଉଠାଯାଉଥିବା ବିଭିନ୍ନ ପ୍ରସଙ୍ଗ ଉପରେ ବିତର୍କ କରିବା ଲାଗି ସରକାର ସବୁବେଳେ ପ୍ରସ୍ତୁତ ଅଛନ୍ତି ।

**V/O (Kiran Rijiju)**

ଶୀତକାଳୀନ ଅଧିବେଶନର ଦ୍ୱିତୀୟ ଦିନରେ ଏସ୍ଆଇଆର୍‌କୁ ପ୍ରତ୍ୟାହାର କରିବା ନେଇ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସମେତ ଅନ୍ୟ ଦଳୀୟ ନେତାମାନେ ସଂସଦ ବାହାରେ ପ୍ରତିବାଦ କରିଛନ୍ତି ।

ଅନୁରୂପ ଭାବେ ରାଜ୍ୟସଭା ପୂର୍ବାହ୍ନ ୧୧ଟାରେ ଆରମ୍ଭ ହୋଇଥିଲା । ଏହି ସମୟରେ ଗୃହର ଅଧ୍ୟକ୍ଷ ସି.ପି. ରାଧାକୃଷ୍ଣନ ଭାରତ ଗସ୍ତରେ ଆସିଥିବା ଜର୍ଜିଆର ସଂସଦୀୟ ପ୍ରତିନିଧି ଦଳକୁ ସ୍ୱାଗତ କରିଥିଲେ । ଜର୍ଜିଆ ସଂସଦୀୟ ଦଳର ଏହି ଗସ୍ତ ଦୁଇଦେଶ ମଧ୍ୟରେ ସମ୍ପର୍କକୁ ଅଧିକ ସୁଦୃଢ଼ କରିବ ବୋଲି ସେ କହିଥିଲେ । ଶୂନ୍ୟକାଳ ଆରମ୍ଭ ହେବା କ୍ଷଣି ଏସ୍ଆଇଆର୍ ଓ ଅନ୍ୟାନ୍ୟ ପ୍ରସଙ୍ଗ ନେଇ ବିରୋଧୀ ସଦସ୍ୟମାନେ ସ୍ଲୋଗାନ ଦେବା ସହ ହଟ୍ଟଗୋଳ ଜାରି ରଖିବାରୁ ଅଧ୍ୟକ୍ଷ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଛନ୍ତି ।

## କାଶି-ତାମିଲ୍ ସଂଗମମ

ଉତ୍ତରପ୍ରଦେଶର ବାରଣାସୀରେ ଆଜି କାଶି-ତାମିଲ୍ ସଂଗମମର ଚତୁର୍ଥ ସଂସ୍କରଣ ଆରମ୍ଭ ହେବ । କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମିଳିତ ଭାବେ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବେ । କାଶି-ତାମିଲ୍ ସଂଗମମର ଉଦ୍ଦେଶ୍ୟ ହେଉଛି ଉତ୍ତର ଏବଂ ଦକ୍ଷିଣ ଭାରତ ମଧ୍ୟରେ ସମ୍ପର୍କକୁ ଆହୁରି ମଜଭୁତ କରିବା । ଆଜି ସନ୍ଧ୍ୟାରେ ନମୋ ଘାଟରେ ଉଦ୍‌ଘାଟନୀ ସମାରୋହ ଅନୁଷ୍ଠିତ ହେବ । ଚଳିତ ବର୍ଷ କାଶି ତାମିଲ ସଂଗମମର ବିଷୟବସ୍ତୁ ରହିଛି 'ଆସନ୍ତୁ ଆମେ ତାମିଲ୍ ଶିଖିବା-ତାମିଲକୁ ନିଜର କରିବା' । ଉଦ୍‌ଘାଟନୀ

ଉତ୍ସବରେ କାଶୀ ଏବଂ ତାମିଲନାଡୁର ପାରମ୍ପରିକ କଳାକାରମାନେ ମଞ୍ଚ ଉପରେ ଏକାଠି ପ୍ରଦର୍ଶନ କରିବେ । ଏହି ସଂଗମମରେ ତାମିଲନାଡୁର ଛାତ୍ରଛାତ୍ରୀ, ଶିକ୍ଷକ, ଲେଖକ, ଗଣମାଧ୍ୟମ ବୃତ୍ତିଗତ, କୃଷି ଏବଂ ଆନୁସଙ୍ଗୀକ କ୍ଷେତ୍ର ଓ ମହିଳାଙ୍କୁ ନେଇ ୧ ହଜାର ୪୦୦ରୁ ଅଧିକ ପ୍ରତିନିଧି ସାମିଲ ହେବେ ବୋଲି ଜଣାପଡ଼ିଛି ।

## ଏଫ୍‌ଏମ୍‌-ଗ୍ଲୋବାଲ ଫୋରମ

ଅର୍ଥ ବ୍ୟବସ୍ଥାରେ ବୃଦ୍ଧିପାଉଥିବା ଡିଜିଟାଇଜେସନ ଏବଂ ନୂତନ ଆର୍ଥିକ ଉତ୍ପାଦର ଉତ୍‌ଥାନ ସହିତ ବିଶ୍ୱର ଦେଶଗୁଡ଼ିକୁ ଟିକସ ବ୍ୟବସ୍ଥା ଉପରେ ନିରପେକ୍ଷତା ଏବଂ ଜନସାଧାରଣଙ୍କ ବିଶ୍ୱାସ ସୁନିଶ୍ଚିତ କରିବା ସହିତ ସମୟୋଚିତ ସୂଚନା ବିନିମୟରେ ସହଯୋଗ କରିବାକୁ ପଡିବ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି । ନୂଆଦିଲ୍ଲୀଠାରେ ୧୮ତମ ଗ୍ଲୋବାଲ ଫୋରମର ପୂର୍ଣ୍ଣାଙ୍ଗ ବୈଠକକୁ ସମ୍ବୋଧନ କରି ସେ କହିଛନ୍ତି ପ୍ରଶାସନିକ ସଂସ୍କାର ଦିଗରେ ଟିକସ କ୍ଷେତ୍ରରେ ସ୍ୱଚ୍ଛତା ବଜାୟ ରହିବା ଆବଶ୍ୟକ ।

ଶ୍ରୀମତୀ ସୀତାରମଣ କହିଛନ୍ତି ଟିକସ ବ୍ୟବସ୍ଥାରେ ନିରପେକ୍ଷତା ଏବଂ ପୂର୍ବାନୁମାନ କାରଣରୁ ଗତ ଦଶନ୍ଧି ମଧ୍ୟରେ ଭାରତରେ ସ୍ୱେଚ୍ଛାକୃତ ଅନୁପାଳନ ସୁଦୃଢ଼ ହୋଇଛି । ସ୍ୱଚ୍ଛତା ଅନୁପାଳନକୁ କେବଳ ଉପକରଣ

ଭାବରେ ନୁହେଁ ବରଂ ସ୍ଥାୟୀ ବିକାଶ ଏବଂ ଆର୍ଥିକ ନମନୀୟତା ପାଇଁ ଏକ ମୂଳଦୁଆ ଭାବେ ଦେଖିବା ଗୁରୁତ୍ୱପୂର୍ଣ୍ଣ ।

## ବିହାର-ବାଚସ୍ପତି

ବରିଷ୍ଠ ବିଜେପି ନେତା ଡକ୍ଟର ପ୍ରେମ୍ କୁମାର ଅଷ୍ଟାଦଶ ବିହାର ବିଧାନସଭାର ବାଚସ୍ପତି ନିର୍ବାଚିତ ହୋଇଛନ୍ତି । ବିଧାନସଭା ଅଧିବେଶନର ଦ୍ୱିତୀୟ ଦିନରେ ଆଜି ଅସ୍ଥାୟୀ ବାଚସ୍ପତି ନରେନ୍ଦ୍ର ନାରାୟଣ ଯାଦବ ପ୍ରେମ୍‌କୁମାରଙ୍କ ସର୍ବସମ୍ମତ ବାଚସ୍ପତି ନିର୍ବାଚନ ସମ୍ପର୍କରେ ଘୋଷଣା କରିଛନ୍ତି । ଅଧିବେଶନ ପୂର୍ବରୁ ଡକ୍ଟର କୁମାର ବାଚସ୍ପତି ପଦବୀ ପାଇଁ ନାମାଙ୍କନ ଦାଖଲ କରିଥିଲେ । ବିରୋଧୀଦଳ ପକ୍ଷରୁ କେହି ନାମାଙ୍କନ ଦାଖଲ ନକରିବାରୁ ସେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିଲେ ।

ସୂଚନାଯୋଗ୍ୟ ଡକ୍ଟର ପ୍ରେମ୍‌କୁମାର ୯ମ ଥର ପାଇଁ ଗୟା ସହର ଆସନରୁ ବିଧାୟକ ନିର୍ବାଚିତ ହୋଇଛନ୍ତି । ସେ ବିଭିନ୍ନ ସମୟରେ ପୂର୍ବ ସରକାରରେ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରୀ ପଦରେ ମଧ୍ୟ ଅବସ୍ଥାପିତ ହୋଇଛନ୍ତି ।

## ସଞ୍ଚାରସାଥୀ-ଗଭ୍‌ମେଣ୍ଟ

ମୋବାଇଲ ହ୍ୟାଣ୍ଡସେଟ୍‌ରେ ସଞ୍ଚାରସାଥୀ ଆପ୍ ସନ୍ନିବେଶିତ କରାଯିବା ଦ୍ୱାରା ଟେଲିକମ୍ କ୍ଷେତ୍ରରେ ଦେଖାଦେଉଥିବା ସାଇବର ଠକେଇର ଅପବ୍ୟବହାରକୁ ରୋକାଯାଇପାରିବ ବୋଲି କେନ୍ଦ୍ର ସଞ୍ଚାର ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ କହିଛନ୍ତି । ସଂସଦ ବାହାରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇ ସେ କହିଛନ୍ତି ଯେକୌଣସି ବ୍ୟକ୍ତି ତାଙ୍କ

ମୋବାଇଲ ହ୍ୟାଣ୍ଡସେଟ୍‌ରେ ଏହି ଆପ୍‌କୁ ହଟାଇଦେବାକୁ ଚାହିଁଲେ ସେନେଇ ନିଷ୍ପତ୍ତି ନେଇପାରିବେ । ମୋବାଇଲ ବ୍ୟବହାରକାରୀଙ୍କୁ ସହଯୋଗ ଓ ନିରାପତ୍ତା ଯୋଗାଇଦେବା ସରକାରଙ୍କ ଦାୟିତ୍ୱ ।

**V/O (JYOTIRADITYA-SCINDIA)**

ମୋବାଇଲ୍ ହ୍ୟାଣ୍ଡସେଟ୍‌ର ଗୁଣବତ୍ତା ଏବଂ ଏହା ଠିକ୍ କି ନୁହେଁ ତାହା ଯାଞ୍ଚ୍ କରିବା ଲାଗି ସଞ୍ଚାର ସାଥୀ ଆପ୍ଲିକେସନ୍‌କୁ ନୂଆ ମୋବାଇଲ୍ ଗୁଡ଼ିକରେ ପୂର୍ବରୁ ଇନ୍‌ଷ୍ଟଲ୍ କରିବା ଲାଗି କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଥିଲେ । ନିର୍ଦ୍ଦେଶନାମା ଅନୁଯାୟୀ ଭାରତରେ ବ୍ୟବହାର ପାଇଁ ନିର୍ମିତ କିମ୍ବା ଆମଦାନୀ ହୋଇଥିବା ସମସ୍ତ ମୋବାଇଲ୍ ହ୍ୟାଣ୍ଡସେଟ୍‌ର ବିକ୍ରି ପୂର୍ବରୁ ସଞ୍ଚାରସାଥୀ ମୋବାଇଲ୍ ଆପ୍ ଇନ୍‌ଷ୍ଟଲ୍ କରିବା ନିଶ୍ଚିତ କରାଯାଇଛି । ସରକାରଙ୍କ ପକ୍ଷରୁ ମୋବାଇଲ୍ ହ୍ୟାଣ୍ଡସେଟ୍ ନିର୍ମାତା ଏବଂ ଆମଦାନୀକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

# ଏଲ୍‌ଏସ୍ ଫିସରିଜ

ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଲାଗି ସବୁ ରାଜ୍ୟର ସମସ୍ତ କ୍ଷେତ୍ରର ଯୋଗଦାନ ରହିଛି ବୋଲି କେନ୍ଦ୍ର ମତ୍ସ୍ୟ, ପ୍ରାଣୀସମ୍ପଦ ମନ୍ତ୍ରୀ ରାଜୀବ ରଞ୍ଜନ ସିଂହ ଗୁରୁତ୍ୱ ଦେଇଛନ୍ତି । ଲୋକସଭାରେ ପ୍ରଶ୍ନକାଳରେ ଅତିରିକ୍ତ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ସିଂହ କହିଛନ୍ତି ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ପି.ଏମ୍.ଏମ୍.ଏସ୍.ୱାଇ ମତ୍ସ୍ୟ

କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବାରେ ସହାୟକ ହୋଇଛି । କିନ୍ତୁ ଦୁର୍ଭାଗ୍ୟର ବିଷୟ ଏହି ଯୋଜନା ଅଧୀନରେ ପଶ୍ଚିମବଙ୍ଗ ସରକାରଙ୍କୁ ଦିଆଯାଇଥିବା ଅର୍ଥକୁ ଠିକ୍‌ଭାବେ ଖର୍ଚ୍ଚ କରାଯାଇପାରିନାହିଁ । କେନ୍ଦ୍ର ପକ୍ଷରୁ ପ୍ରସ୍ତାବିତ ୨୨୦କୋଟି ଟଙ୍କା ମଧ୍ୟରୁ ୧୧୪କୋଟି ଟଙ୍କା ଦିଆଯାଇ ସାରିଥିଲେ ମଧ୍ୟ ରାଜ୍ୟ ସରକାର ମାତ୍ର ୫୮କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି । ମନ୍ତ୍ରୀ କହିଛନ୍ତି ଯେକୌଣସି ଯୋଜନାର ସଫଳ ରୂପାୟନ ଲାଗି ରାଜ୍ୟ ସରକାରଙ୍କ ସହଯୋଗ ଅତ୍ୟନ୍ତ ଗୁରୁତ୍ୱ ବହନ କରିଥାଏ ।

## ମୁମ୍ବାଇ ଏମର୍ଜେନ୍ସି ଲ୍ୟାଣ୍ଡିଂ

କ୍ୱେତରୁ ହାଇଦ୍ରାବାଦ ଯାଉଥିବା ଇଣ୍ଡିଗୋ ବିମାନ 6E-1234 ଆଜି ସକାଳ ୭ଟା ୪୫ ମିନିଟ୍‌ରେ ମୁମ୍ବାଇର ଶିବାଜୀ ମହାରାଜ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଜରୁରୀ ଅବତରଣ କରିଛି । ବିମାନ ବନ୍ଦର କର୍ତ୍ତୃପକ୍ଷ କହିଛନ୍ତି, ଯାତ୍ରୀମାନଙ୍କୁ ସୁରକ୍ଷିତ ଅବତରଣ ପରେ ଯାଞ୍ଚ ପାଇଁ ବିମାନଟିକୁ ଅନ୍ୟତ୍ର ସ୍ଥାନାନ୍ତରଣ କରାଯାଇଛି । ଅଧିକାରୀମାନେ ଯାନ୍ତ୍ରିକ ତ୍ରୁଟିର କାରଣ ଜାଣିବା ପାଇଁ ଅନୁଧ୍ୟାନ କରୁଛନ୍ତି ।

## ଜୟଶଙ୍କର-ୟୁଏଇ

ୟୁନାଇଟେଡ୍ ଆରବ ଏମିରେଟ୍‌ସ-ୟୁଏଇର ଜାତୀୟ ଦିବସ ଅବସରରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଆଜି ୟୁଏଇର ଉପ-

ପ୍ରଧାନମନ୍ତ୍ରୀ ତଥା ବୈଦେଶିକ ବ୍ୟାପାର ମନ୍ତ୍ରୀ ଅବଦୁଲ୍ଲା ବିନ୍ ଜାୟେଦ ଅଲ୍ ନାୟାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଜୟଶଙ୍କର କହିଛନ୍ତି, ଭାରତ ବ୍ୟାପକ ରଣନୈତିକ ଭାଗିଦାରୀକୁ ମଜଭୁତ କରିବା ଏବଂ ୟୁଏଇ ସହିତ ବାଣିଜ୍ୟିକ, ସାଂସ୍କୃତିକ ଓ ଲୋକସମ୍ପର୍କକୁ ସୁଦୃଢ଼ କରିବାକୁ ପ୍ରତିଶ୍ରୁତିବଦ୍ଧ ।

## ଇମ୍ରାନ ଖାଁ

ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ପିଟିଆଇ ମୁଖ୍ୟ ଇମ୍ରାନ ଖାଁଙ୍କ ପାରିପାରିକ ଦର୍ଶନ ଉପରେ ପ୍ରତିବନ୍ଧକ ସମ୍ପର୍କିତ ରିପୋର୍ଟ ଉପରେ ପାକିସ୍ତାନର ମାନବାଧିକାର ଆୟୋଗ ପାକିସ୍ତାନ ତେହେରିକ-ଇ-ଇନ୍‌ସାଫ ଗୁରୁତର ଚିନ୍ତାବ୍ୟକ୍ତ କରିଛନ୍ତି । ପାକିସ୍ତାନ ସରକାର ଏବଂ ପ୍ରାଦେଶିକ ପଞ୍ଜାବ ଗୃହ ବିଭାଗ ସମସ୍ତ ସାମ୍ବିଧାନିକ ପ୍ରକ୍ରିୟା ସୁରକ୍ଷା ଏବଂ ମାନବିକ ବ୍ୟବହାର ପାଇଁ ଅନ୍ତର୍ଜାତୀୟ ମାନକ ପାଳନ କରୁଛି ବୋଲି ନିଶ୍ଚିତ କରିବାକୁ ମାନବାଧିକାର ସଂସ୍ଥା ଆହ୍ୱାନ ଦେଇଛି ।